ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
ଢେଙ୍କାନାଳ
ଦୂରଭାଷ : ୦୬୭୬୨-୨୨୪୪୧୪
ଇମେଲ୍:-ଡିକେଏଲ୍.ଡିଆଇପିଆର୍‌ଓ@ ଜିମେଲ୍.କମ୍

ପତ୍ର ସଂଖ୍ୟା ---୪୨୨-----/ସୂ.ଲୋ.ସ                ତା.-୨୮/୦୪/୨୦୨୦.

**ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ।**

ଢେଙ୍କାନାଳ, ତା- ୨୮/୦୪/୨୦୨୦-

ଆଜି ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଭୂମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଲକ୍‌ଡାଉନ ସମୟ ଜାରି ଥିବା ବେଳେ ଗ୍ରାମାଞ୍ଚଳ ଲୋକଙ୍କ ଜୀବନ-ଜୀବିକାର ଦୃଷ୍ଟିରୁ ଢେଙ୍କାନାଳ ଜିଲ୍ଲାରେ ଗତ ଏପ୍ରିଲ ୪ ତାରିଖରୁ ମନରେଗା ଯୋଜନା କାର୍ଯ୍ୟ ଆରମ୍ଭ ହୋଇ ଆଜି ସୁଦ୍ଧା ୧୪ କୋଟି ୮୭ ଲକ୍ଷ ଟଙ୍କା ଅର୍ଥ କରାଯାଇ ମୋଟ ୪ ଲକ୍ଷ ୧୩ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଛି । ମୋଟ ୩୪ ହଜାର ୮୯୦ ପରିବାରର ୬୨ ହଜାର ୩୬୩ ଜଣଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ କାମ ଯୋଗାଇ ଦିଆଯାଇଛି । ଲକ୍‌ଡାଉନ ସମୟରେ ଫେରିଥିବା ୪୦୦ ପ୍ରବାସୀ ଓଡ଼ିଆ ପରିବାରଙ୍କୁ ଜବକାର୍ଡ ଯୋଗାଇ ଦିଆଯିବା ସହିତ ଜିଲ୍ଲାରେ ମୋଟ ୧ ଲକ୍ଷ ୯୪ ହଜାର ୩୪୩ ପରିବାରଙ୍କୁ ଜବକାର୍ଡ ଯୋଗାଇ ଦିଆଯାଇଛି । ତେବେ ଏହି ଯୋଜନାରେ ଶ୍ରମ ଦିବସ ସୃଷ୍ଟିରେ ରାଜ୍ୟରେ ଢେଙ୍କାନାଳ ଜିଲ୍ଲା ପ୍ରଥମ ସ୍ଥାନରେ ଅଛି ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ପ୍ରକାଶ କରିଛନ୍ତି ।

ଆର୍ଥିକ କାର୍ଯ୍ୟକଳାପର ବୃଦ୍ଧି ଦୃଷ୍ଟିରୁ ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଅତିକମରେ ଗୋଟିଏ ଲେଖାଏଁ ପ୍ରକଳ୍ପ କାର୍ଯ୍ୟ ନିହାତି ଦରକାର, ଏଣୁ ସ୍ୱୟଂ ସହାୟିକା ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସେବା ନେଇ-ଭୂରି ଲୋକ କାମ କରିବାକୁ ଇଚ୍ଛୁକ ଥିବା ଲୋକଙ୍କୁ ଏହି ମନରେଗା ଯୋଜନାରେ କାମ ଦେବା ନିମନ୍ତେ ପ୍ରବର୍ତ୍ତାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାର ସଫଳ ରୂପାୟନ ନିମନ୍ତେ ବିଡିଓମାନେ ଗୁରୁଦାୟିତ୍ୱ ବହନ କରୁଛନ୍ତି, ଏ.ପି.ଓ. ମାନେ ଏଥି ନିମନ୍ତେ ଗାଁସ୍ତରରେ ସକ୍ରିୟ ଭୂମିକା ନେବାକୁ ଜିଲ୍ଲାପାଳ କହିଥିଲେ ।

→

ଜିଲ୍ଲାରେ ବିଭିନ୍ନ ବିଭାଗର ଅଧୀନରେ ୪୦ ହଜାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ପ୍ରତ୍ୟେକ ଦିନ ୬୦ ହଜାର ଲୋକଙ୍କୁ କାମ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରହିଛି । ବର୍ତ୍ତମାନ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ହାରାହାରି ୧୨ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । ଏହି ମନରେଗା ଯୋଜନାରେ ପ୍ରତ୍ୟେକ ଶ୍ରମିକଙ୍କୁ ଦୈନିକ ୨୦୭ ଟଙ୍କା ହିସାବରେ ୧୪ ଦିନରୁ ଥରେ ସମସ୍ତ ପାରିଶ୍ରମିକ (ମଜୁରୀ) ଦିଆଯାଉଛି ।

ଏଣୁ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗୀୟ ଅଧିକାରୀ, ବି.ଡି.ଓ., ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ତୃଣମୂଳ ସ୍ତରରେ ଜୀବନ-ଜୀବିକା ସମ୍ପର୍କରେ ଲୋକମାନଙ୍କୁ ପ୍ରବର୍ତ୍ତାଇ ଏହି ଯୋଜନାରେ ନିୟୋଜିତ କରି ଅର୍ଥନୈତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ସୂଚନା ଯୋଗ୍ୟ ଯେ, ଜିଲ୍ଲାରେ ୮ ବ୍ଲକ ମଧ୍ୟରୁ ଢେଙ୍କାନାଳ ବ୍ଲକରେ ସର୍ବାଧିକ ୨ କୋଟି ୪୫ ଲକ୍ଷ ୨୨ ହଜାର ଟଙ୍କା ଖର୍ଚ୍ଚ କରାଯାଇ ମୋଟ ୧ ଲକ୍ଷ ୬ ହଜାର ୯୦୯ ଶ୍ରମ ଦିବସ ସୃଷ୍ଟି କରାଯାଇଛି । ସେହିପରି ଗଣ୍ଡିଆ ବ୍ଲକରେ ମୋଟ ୧୦୦.୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୭୬୪୪ ଶ୍ରମ ଦିବସ, ସଦର ବ୍ଲକରେ ୨୭୦.୪୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୯୯୬୪୪ ଶ୍ରମ ଦିବସ, ହିନ୍ଦୋଳ ବ୍ଲକରେ ୧୯୧.୪୦ ଲକ୍ଷ ଖର୍ଚ୍ଚ କରି ୫୬୫୨୯ ଶ୍ରମ ଦିବସ, କାମାଖ୍ୟାନଗର ବ୍ଲକରେ ୧୫୯.୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ୬୩୭୭୮ ଶ୍ରମ ଦିବସ, କଙ୍କଡ଼ାହାଡ଼ ବ୍ଲକରେ ୧୪୬.୫୪ ଲକ୍ଷ ଟଙ୍କା ଖର୍ଚ୍ଚ କରି ୫୮୫୯୦ ଶ୍ରମ ଦିବସ ଏବଂ ପରଜଙ୍ଗ ବ୍ଲକରେ ୧୪୦.୧୧ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୩୩୯୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ଏହି ବୈଠକରେ ଡି.ଏସ୍.ଓ. ଶ୍ରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ) ଶ୍ରୀ ବିଜୟ କୁମାର ଥମ୍ବୁ ପ୍ରମୁଖ ଉପ-ନିର୍ଦ୍ଦେଶକ, ଉଦ୍ୟାନ ବିଭାଗ; ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା; ଜୀବିକା ମିଶନ ସହକାରୀ ନିର୍ଦ୍ଦେଶକ, ଲିଡ୍ ଅଫିସର, ଜିଲ୍ଲାର ସମସ୍ତ ବି.ଡି.ଓ., ଏ.ପି.ଓ., ଜିଲ୍ଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂଯୋଜକ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇ ଯୋଜନାର ସଫଳ ରୂପାୟନ ନିମନ୍ତେ ଆଲୋଚନା କରିଥିଲେ । — x —

୨୦/୭/୨୦୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ